# Akashvani, Sambalpur

# SAMBALPURI NEWS BULLETIN

## 08 October 2025 – 6.47- 6.52 am.

*******************************************************

ପ୍ରଧାନ୍‌ମନ୍ତ୍ରୀ- ଆଇଏମ୍‌ସି ୨୦୨୫        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ନୂଆଦିଲ୍ଲୀ ନ ଏସିଆର୍ ବଡ଼ ଟେଲିକମ୍ ଆଉ ଟେକ୍ ସମ୍ମିଳନୀ- ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍‌କେ ଉଦ୍‌ଘାଟନ୍ କର୍‌ବେ । ନୂଆଦିଲ୍ଲୀର୍ ଯଶୋଭୂମି ସମ୍ମିଳନୀ କକ୍ଷ ନ ୪ ଦିନ୍‌ତକ୍ ଇ କାର୍ଯ୍ୟକ୍ରମ୍ ହେବା । ‘ପରିବର୍ତନ୍ ଲାଗି ଉଦ୍ଭାବନ୍’ କାର୍ଯ୍ୟକ୍ରମ୍‌ର ବିଷୟବସ୍ତୁ ରଖାଯାଇଛେ । କାର୍ଯ୍ୟକ୍ରମ୍‌ଥି ଡିଜିଟାଲ୍ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ର ନ ଆତ୍ମନିର୍ଭରତାକେ ତହଁକାବାର୍ ସହେତେ ଭିନ୍ ଭିନ୍ ବିଷେଥି ଆଲୋଚନା କରାଯିବା । ଖାସ୍ କରି ସିକ୍ସ-ଜି ଇକୋ ସିଷ୍ଟମ୍, ସାଇବର୍ ସୁରକ୍ଷା, ଉପଗ୍ରହ ଯୋଗାଯୋଗ, କୃତିମ ବୁଦ୍ଧିମତା, ଟେଲିକମ୍ ଉତ୍ପାଦନ୍ ବାଗିର୍ ବିଷେ ଉପ୍‌ରେ ଆଲୋଚନା ହେବା । ସମ୍ମିଳନୀଥି ୭ ହଜାର୍‌ନୁ ଅଏତ୍‌କା ବିଶ୍ୱସ୍ତରୀୟ ପ୍ରତିନିଧି, ଦେଢ଼୍‌ଲାଖ୍ ନୁ ଅଏତ୍‌କା ପରିଦର୍ଶକ୍ ଆଉ ୪ ଶହ ନୁ ଅଏତ୍‌କା ପ୍ରଦର୍ଶକ୍ ଯୋଗ୍ ଦେବେ ବଲି କୁହାଯାଉଛେ ।

କାର୍ତ୍ତିକ ବ୍ରତ I&PR

କାର୍ତ୍ତିକ୍ ମାସର୍ ହବିଷ୍ୟାଳି ବ୍ରତ ଓଡ଼ିଆ ଜାତିର୍ ଧର୍ମୀୟ ଭାବ୍‌ନାର୍ ବର୍‌କସ୍ ଉଦାହରଣ୍ ଆଏ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ପୁରୀ ବୃନ୍ଦାବତୀ ନିବାସ ହବିଷ୍ୟାଳି କେନ୍ଦ୍ର ନ ଗଲାକାଏଲ୍ କାର୍ତ୍ତିକ ବ୍ରତ -୨୦୨୫ କେ ଉଦ୍‌ଘାଟନ୍ କରିକରି ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ମା' ମାନ୍‌କର୍ ସୁଖଦ୍ ଆଉ ସୁରକ୍ଷିତ୍ ବ୍ରତ ପାଲନ୍ ସୁନିର୍ଶ୍ଚିତ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ସେ ଅନ୍‌ସାରେ ସବୁ ବ୍ୟବସ୍ଥା ଶୃଙ୍ଖଲିତ୍ ଭାବେ କରାଯାଉଛେ ବଲି ଆଇନ୍‌ମନ୍ତ୍ରୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି କହିଛନ୍, ରାଜ୍ୟ ସର୍‌କାର୍ ଇ ବଛର୍ ହବିଷ ବ୍ରତ ଲାଗି ୩ କୋଟି ୩୦ ଲାଖ୍ ଟଙ୍କା ଖର୍ଚ୍ଚା କରିଛନ୍ ବଲି କହିଛନ୍ । କାର୍ଯ୍ୟକ୍ରମ୍‌ଥି ପୁରୀ ସାଂସଦ୍ ସମ୍ବିତ୍ ପାତ୍ର ଆଉ ବିଧାୟକ୍‌ମାନେ ଯୋଗ୍ ଦେଇଥିଲେ ।

ୟୁଜିସି ନେଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ୟୁଜିସି ନେଟ୍ ଡିସେମ୍ବର୍ ୨୦୨୫ ପରୀକ୍ଷା ଲାଗି ପଞ୍ଜିକରଣ୍ ପ୍ରକ୍ରିୟା ଗଲାକାଏଲ୍‌ଠାନୁ ମୁଲ୍ ହେଇଛେ । ଆବେଦନ୍‌କାରୀମାନେ ଅନ୍‌ଲାଇନ୍ ଜରିଏ ନଭେମ୍ବର୍ ୭ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ । ୧୦ ନୁ ୧୨

ତାରିଖ୍‌ତକ୍ ଫର୍ମ ସଂଶୋଧନ୍ କରାଯିବା ବଲି ଜାତୀୟ ପରୀକ୍ଷା ସଂସ୍ଥା - ଏନ୍‌ଟିଏ ତର୍‌ଫୁ ବିଜ୍ଞପ୍ତିଥି କୁହାଯାଇଛେ । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଲାଗି ଏନ୍‌ଟିଏ ୱେବ୍‌ସାଇଟ୍ ugcnet.nta.nic.in ଥି ପରୀକ୍ଷାର୍ଥୀମାନେ ଲଗ୍‌ଇନ୍ କରିପାର୍‌ବେ ।

କଟକ୍ କର୍ଫ୍ୟୁ ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ସହର୍ ନ ଥିତି ସାମାଏନ୍ ହେବାର୍ ସହେତେ ଶାନ୍ତି ଫିରିଛେ । ୧୩ ଟା ଥାନା ଇଲାକା ନ ଲଗାଯାଇଥିବା ୩୬ ଘଂଟିଆ କର୍ଫ୍ୟୁ କଟ୍‌କନା ଗଲାକାଏଲ୍ ହଟାଯିବାର୍ ସହେତେ ଇଂଟର୍‌ନେଟ୍ ସେବା ଭିଲ୍ ସ୍ୱାଭାବିକ୍ ହେଇଛେ । କର୍ଫ୍ୟୁ ସମିଆଥି କେନ୍‌ସି ଭିଲ୍ ଅପ୍ରିତିକର ଥିତି ଦେଖା ନାଇଁ ଦେଇ । ହେଲେଭିଲ୍ ଥିତି ଉପ୍‌ରେ ନଜର୍ ରଖାଯାଇଛେ । ସମ୍ବେଦନ୍‌ଶୀଲ୍ ଜାଗାମାନ୍‌କେ ପୁଲିସ୍‌ର କଡ଼ା ପହରା ରହିଛେ । ସୂଚ୍‌ନା ଅନ୍‌ସାରେ ଦୁର୍ଗାପୂଜା ଭସାଣି ବେଲେ ଗୋଷ୍ଠୀ ସଂଘର୍ଷ ଦେଖାଦେବାର୍‌ନୁ ପ୍ରଶାସନ୍ ତର୍‌ଫୁ କଟ୍‌କନା ଲଗାଯାଇଥିଲା ।

ଭିମ୍‌ସାର୍ ଆଂଚଲିକ୍ କର୍କଟ କେନ୍ଦ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ବୁର୍ଲା ଭିମ୍ସାର୍ ନ ଆଂଚଲିକ୍ କର୍କଟ କେନ୍ଦ୍ର ଖୁଲ୍ବାର୍ ଲାଗି ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍ଫୁ ୬୬ କୋଟି ୬୯ ଲାଖ୍ ଟଙ୍କା ମଞ୍ଜୁର୍ କରାଯାଇଛେ । ଇହାଛିନି ଭିମ୍ସାର୍ ନ ଦୁଇ ମହଲା କୋଠାଥି ଖାଲି କେମୋ ଆଉ ରେଡ଼ିଓ ଥେରାପି ବ୍ୟବସ୍ଥା ଅଛେ । ଇତାର୍ ଜାଗା ନ ୫ ମହଲା କୋଠା ତିଆର୍ କରାଯାଇକରି କେନ୍ସର୍ ରୋଗୀଙ୍କର୍ ଲାଗି ଅତ୍ୟାଧୁନିକ୍ ଚିକିତ୍ସା ବ୍ୟବସ୍ଥା କରାଯିବା । ଗୁଟେ କୋଠା ପରିସର୍ ନ ରୋଗୀମାନେ କେମୋ ଆଉ ରେଡ଼ିଓ ଥେରାପି ସହେତେ ଅସ୍ତ୍ରୋପଚାର୍ ଭିଲ୍ ପାଇପାର୍ବେ । ସେନ୍ତା ଅତ୍ୟାଧୁନିକ୍ ପରୀକ୍ଷଣ୍ ସୁବିଧା ସହେତେ ପିଜି ପାଠ୍ୟକ୍ରମ୍ ଭିଲ୍ ଖୁଲାଯିବା ବଲି ଭିମ୍ସାର୍ର ସୁପରିଟେଣ୍ଡେଂଟ୍ ପ୍ରଫେସର୍ ଲାଲ୍ମୋହନ୍ ନାଏକ୍ କହିଛନ୍ ।

ଭାରତୀୟ ବାୟୁସେନା ଦିବସ୍        ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ଭାରତୀୟ ବାୟୁସେନା ଥାପ୍ନା ଦିବସ୍ । ବ୍ରିଟିଶ୍ ଶାସନ୍ ସମିଆଥି ୧୯୩୨ ମସିହା ଆଝିର୍ ଦିନେ ଭାରତୀୟ ବାୟୁସେନା ଥାପ୍ନା କରାଯାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମିଆଥି ଭାରତୀୟ ବାୟୁସେନାର୍ କାମ୍କେ ବହୁତ୍ ପ୍ରଶଂସା କରାଯାଇଥିଲା । ସେ ସମିଆଥି ଇ ସଂସ୍ଥାର୍ ନାଁ ରୟାଲ୍ ଇଣ୍ଡିଆ ଏୟାର୍ ଫୋର୍ସ ଥିଲା । ୧୯୫୦ ମସିହାଥି ଇତାର୍ ନାଁ

ବଦ୍‌ଲାଯାଇକରି ଇଣ୍ଡିଆନ୍ ଏୟାର୍‌ଫୋର୍ସ କରାଯାଇଥିଲା । ୧୯୫୦ ମସିହାନୁ ଭାରତୀୟ ବାୟୁସେନା ୪ ଟା ଯୁଦ୍ଧଥି ବଡ଼ ଭୂମିକା ନେଇଛେ । ଦେଶର୍ ପ୍ରତିରକ୍ଷା ସୁରକ୍ଷା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍‌ଟା ଭାରତୀୟ ବାୟୁସେନାର୍ ମୁଲ୍ ଲକ୍ଷ୍ୟ ଆଏ ।

ନୂଆପଡ଼ା ଉପନିର୍ବାଚନ୍- କଂଗ୍ରେସ୍ ପ୍ରାର୍ଥୀ/ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି କଂଗ୍ରେସ୍ ତାର୍ ପ୍ରାର୍ଥୀଭାବେ ଆଦିବାସୀ ନେତା ଘାସିରାମ୍ ମାଝୀଙ୍କର୍ ନାଁ ଘୋଷ୍‌ନା କରିଛେ । ଗଲା ନିର୍ବାଚନ୍‌ଥି ଶ୍ରୀ ମାଝୀ ସ୍ୱାଧୀନ୍ ପ୍ରାର୍ଥୀ ଭାବେ ନିର୍ବାଚନ୍ ଲଢ଼ିକରି ୨ ନମ୍ବର୍ ଠାନେ ରହିଥିଲେ । ଖୋବ୍‌ଜଲ୍‌ଦି ବାକି ଦଲ୍‌ମାନେ ଭିଲ୍ ତାଙ୍କର୍ ପ୍ରାର୍ଥୀ ଘୋଷ୍‌ନା କର୍‌ବେ ବଲି ଜନାପଡ଼ିଛେ ।

ମା’ ସୁନାଦେଇ-ଛତର୍‌ଯାତ୍ରା        ନୂଆପଡ଼ା ସମ୍ବାଦଦାତା

ଦଶ୍‌ରା ପୁନି ଅବ୍‌ସରେ ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟର ଆଦିମ ଜନଜାତିଙ୍କର୍ ଅଧିଷ୍ଠାତ୍ରୀ ଦେବୀ ମା’ ସୁନାଦେଇଙ୍କର୍ ବଛର୍‌କିଆ ଛତର୍ ଯାତ୍ରା ଗଲାକାଏଲ୍ ହେଇଯାଇଛେ । ଚକୋଟିଆ-ଭୁଞ୍ଜିଆ ସମ୍ପ୍ରଦାୟର୍ ଆଦିବାସୀମାନେ ପରମ୍ପରା ଅନ୍‌ସାରେ ମା’ଙ୍କର୍

ପୂଜା କର୍‌ବାର୍ ଉତ୍‌ରୁ ମା’ ସୁନାଦେଇ ନିଜର୍ ପୀଠନୁ ଛତର୍‌ଥି ବିରାଜ୍‌ମାନ୍ ହେଇକରି ସୁନାବେଡ଼ା ଲିଙ୍ଗଭଟା ଠାନେ ପହେଲା ପୂଜା ପାଇଥିଲେ । ତାର୍ ଉତ୍‌ରୁ ଦେବୀ ସୁନାବେଡ଼ା ଗାଁ ବୁଲିକରି ଘରେ ଘରେ ପୂଜା ପାଇଥିଲେ । ମା’ଙ୍କର୍ ଦର୍ଶନ୍ ଲାଗି ରାଜ୍ୟ ଆଉ ରାଜ୍ୟ ବାହାରର୍ ଭିନ୍ ଭିନ୍ ଜାଗା ନୁ ଶ୍ରଦ୍ଧାଳୁଙ୍କର୍ ଭିଡ୍ ଲାଗିଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ପାଗ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ସମ୍ବଲପୁର, ଝାର୍‌ସୁଗୁଡ଼ା, ବର୍‌ଗଡ୍, ସୁନ୍ଦର୍‌ଗଡ୍, ଦେବ୍‌ଗଡ୍ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଧୁକାଗର୍ଦ୍ଦି ସାଙ୍ଗେ ଘଡ୍‌ଘଡ଼ି ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।
ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୭ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ସଖାଲ୍‌ର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୯ ଦଶ୍‌ମିକ୍ ୬/୨ ଫୁଟ୍ ରହିଛେ ।